# NATIONAL NEWS BULLETIN (ODIA)

## 6 February - 2026

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଚାପମୁକ୍ତ ପରୀକ୍ଷା ଓ ଶିକ୍ଷା କୈନ୍ଦ୍ରିକ ମନୋଭାବ ଗଠନ ନେଇ ଆଜି ପରୀକ୍ଷା ପେ ଚର୍ଚ୍ଚାର ନବମ ସଂସ୍କରଣରେ ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିବେ ପ୍ରଧାନମନ୍ତ୍ରୀ ।
- ଭାରତ ଏବେ ବିଶ୍ୱର ତୃତୀୟ ସର୍ବବୃହତମ ଅର୍ଥନୀତି ହେବା ଦିଗରେ ଅଗ୍ରସର ହେଉଛି, କହିଲେ ପ୍ରଧାନମନ୍ତ୍ରୀ ।
- ରିଜର୍ଭ ବ୍ୟାଙ୍କ୍ ଆଜି ଘୋଷଣା କରିବ ଦ୍ୱିମାସିକ ମୁଦ୍ରାନୀତି ।
- ଅଣୁଅସ୍ତ୍ର ଚୁକ୍ତି ନେଇ ଆମେରିକା-ରୁଷ ମଧ୍ୟରେ ଖୁବ୍ ଶୀଘ୍ର ହେବ ଉଚ୍ଚସ୍ତରୀୟ ସାମରିକ ଆଲୋଚନା ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ଫାଇନାଲ୍‌ରେ ୬ ୱିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରି ଟାଇଟଲ ହାସଲ କଲା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ।

– ୧୯ ବର୍ଷରୁ କମ୍ ଏକଦିବସୀୟ ଆନ୍ତର୍ଜାତିକ କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ଅନୁଷ୍ଠିତ ହେବ ଇଂଲଣ୍ଡ ଓ ଭାରତ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ।

# ପିଏମ୍-ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ **ପରୀକ୍ଷା ପେ ଚର୍ଚ୍ଚା**ର ନବମ ସଂସ୍କରଣରେ ସାରା ଦେଶର ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିବେ। ଏହି କାର୍ଯ୍ୟକ୍ରମ ସକାଳ ୧୦ଟାରୁ ପ୍ରସାରଣ ହେବ। ୨୦୨୬ ସଂସ୍କରଣରେ ପରୀକ୍ଷା ସମୟରେ ଚାପମୁକ୍ତ ରହିବା ଓ ଶିକ୍ଷା ପ୍ରତି କେନ୍ଦ୍ରିତ ମନୋଭାବ ଗଢ଼ିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେବେ ବୋଲି ଜଣାପଡ଼ିଛି।

ପରୀକ୍ଷା ପେ ଚର୍ଚ୍ଚା ପଦକ୍ଷେପ ଏବେ ଦେଶବ୍ୟାପୀ ଜନଆନ୍ଦୋଳନର ରୂପ ନେଇଛି । **MyGov** ପୋର୍ଟାଲ ମାଧ୍ୟମରେ ୪ କୋଟି ୫୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ନାମ ପଞ୍ଜିକରଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ଦିଲ୍ଲୀ ସମେତ କୋଏମବାଟୁର, ରାୟପୁର, ଦେବ ମୋଗ୍ରା ଓ ଗୁଆହାଟିରେ ମଧ୍ୟ ଅନୁଷ୍ଠିତ ହେବ।

ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ **YouTube** ଚ୍ୟାନେଲ, ଦୂରଦର୍ଶନ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ମଞ୍ଚ ସମେତ **WAVES OTT, Amazon Prime**

**Video, Jio, ZEE 5, Sony LIV** ଏବଂ **Spotify**ରେ ପ୍ରସାରଣ କରାଯିବ। ଜାତୀୟ ଶିକ୍ଷା ନୀତି–୨୦୨୦ ସହ ସମ୍ପର୍କିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ପରୀକ୍ଷାକୁ ଚାପ ନୁହେଁ, ବରଂ ଆତ୍ମବିଶ୍ୱାସ ଓ ସକାରାତ୍ମକ ଭାବେ ବିବେଚନା କରିବା ।

# ପିଏମ୍-ଆର୍‌ଏସ୍ ମୋସନ୍ ଅଫ୍ ଥାଙ୍କସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ୟୁରୋପିୟ ସଂଘ ଓ ଯୁକ୍ତରାଷ୍ଟ୍ର ଆମେରିକା ସହିତ ଭାରତ କରିଥିବା ବାଣିଜ୍ୟ ଚୁକ୍ତିଗୁଡ଼ିକ ବିଶ୍ୱକୁ ସ୍ଥିରତା ଦିଗରେ ଭାରତର ଭୂମିକା ପ୍ରତି ଆତ୍ମବିଶ୍ୱାସ ସୃଷ୍ଟି କରିଛି। ଗତକାଲି ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ 'ଧନ୍ୟବାଦ ପ୍ରସ୍ତାବ' ଆଲୋଚନାର ଉତ୍ତରରେ ଶ୍ରୀ ମୋଦୀ ଏହା କହିଛନ୍ତି ।

**V/O-Modi on Trade Deal**

ଆଲୋଚନାରେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀ କହିଥିଲେ, ଭାରତ ବୃହତ୍ ଦେଶମାନଙ୍କ ସହ ଭବିଷ୍ୟତ ଆଧାରିତ ବାଣିଜ୍ୟ ଚୁକ୍ତି କରୁଛି, ଯାହାକୁ ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତି ମିଳୁଛି ଏବଂ ଯୁବପିଢ଼ି ପାଇଁ ନୂଆ ସୁଯୋଗ ସୃଷ୍ଟି ହେଉଛି। ସମ୍ପ୍ରତି ୟୁରୋପୀୟ ସଂଘ ସହ ୯ଟି ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ଚୁକ୍ତି ସାକ୍ଷରିତ ହୋଇଛି ବୋଲି ସେ କହିଥିଲେ।

ପ୍ରଧାନମନ୍ତ୍ରୀ କହିଛନ୍ତି, କୋଭିଡ୍ ପରବର୍ତ୍ତୀ ପରିସ୍ଥିତିରେ ନୂଆ ବିଶ୍ୱ ବ୍ୟବସ୍ଥା ସୃଷ୍ଟି ହୋଇଥିବା ବେଳେ ବିଶ୍ୱ ଭାରତ ପକ୍ଷରେ ରହିଛି । ଭାରତ ବର୍ତ୍ତମାନ ବହୁ ଦେଶର ଭରସାଯୋଗ୍ୟ ସାଥୀ ଭାବେ ପରିଚିତ ହୋଇଛି ଏବଂ ଆନ୍ତର୍ଜାତିକ ମଞ୍ଚରେ 'ଗ୍ଲୋବାଲ୍ ସାଉଥ୍'ର ଦୃଢ଼ ସ୍ୱର ଭାବେ ଉଭା ହୋଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## V/O-Modi World Order

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣକୁ ଉଦ୍ଧୃତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ଏକ ବର୍ଷ ମଧ୍ୟରେ 'ବିକସିତ ଭାରତ' ଲକ୍ଷ୍ୟ ପୂରଣ ଦିଗରେ ଦେଶ ଦ୍ରୁତ ଅଗ୍ରଗତି କରିଛି। ଦେଶ ଏବେ ନୀତି-ଭିତ୍ତିକ ଶାସନ ଦ୍ୱାରା ଆଗକୁ ବଢୁଛି ଏବଂ **'Reform, Perform ଓ Transform'**ର ମନ୍ତ୍ର ଦେଶକୁ ବିଶ୍ୱସ୍ତରରେ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିଛି ।

୨୦୧୪ ପୂର୍ବରୁ ଅର୍ଥନୈତିକ ଭାବେ ଦୁର୍ବଳ ଶ୍ରେଣୀରେ ଥିବା ଭାରତ ଏବେ ବିଶ୍ୱର ତୃତୀୟ ସର୍ବବୃହତ୍ତମ ଅର୍ଥନୀତି ହେବା ଦିଗରେ ଆଗକୁ ବଢୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## V/O-Modi on Reform Expers

ପ୍ରଧାନମନ୍ତ୍ରୀ ବିରୋଧୀ ଦଳର ଆଚରଣ ଓ କିଛି ରାଜ୍ୟ ସରକାରଙ୍କୁ ମଧ୍ୟ କଠୋର ସମାଲୋଚନା କରିଛନ୍ତି। ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସଫଳତା ସମ୍ପର୍କରେ ଉପସ୍ଥାପନା କରି ସେ କହିଛନ୍ତି, ମୁଦ୍ରା ଯୋଜନା ଅଧୀନରେ ୩୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଜମା ବିହନ ଋଣ

ଏବଂ ପ୍ରଗତି ପ୍ଲାଟଫର୍ମ ଅଧୀନରେ ୮୫ ହଜାର କୋଟି ଟଙ୍କାର ପ୍ରକଳ୍ପ ସମୀକ୍ଷା ଦେଶକୁ ଅର୍ଥନୈତିକ ଦୃଢ଼ତା ପ୍ରଦାନ କରିଛି ।

## ଆର୍‌ବିଆଇ ପଲିସି

ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଆଜି ଦ୍ୱିମାସିକ ମୁଦ୍ରାନୀତି ଘୋଷଣା କରିବ । ଆର୍.ବି.ଆଇ. ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱରେ ଗଠିତ ୬ ସଦସ୍ୟ ବିଶିଷ୍ଟ ମୁଦ୍ରାନୀତି କମିଟି ଗତ ବୁଧବାର ଠାରୁ ବୈଠକ ଆରମ୍ଭ କରିଛି । ୨୦୨୫-୨୬ ଆର୍ଥିକ ବର୍ଷର ଏହା ହେଉଛି ଶେଷ ମୁଦ୍ରାନୀତି କମିଟି ବୈଠକ ।

ଗତ ଫେବୃୟାରୀ ପରଠାରୁ ରିଜର୍ଭ ବ୍ୟାଙ୍କ୍ ରେପୋରେଟ୍‌କୁ ୧୨୫ ବେସିସ୍ ପଏଣ୍ଟ ହ୍ରାସ କରିସାରିଛି । ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ରିପୋର୍ଟ୍ ଅନୁଯାୟୀ ଆଜି ଘୋଷଣା ହେବାକୁ ଥିବା ମୁଦ୍ରାନୀତିରେ ସ୍ଥିତାବସ୍ଥା ବଜାୟ ରହିବାର ସମ୍ଭାବନା ରହିଛି ।

## ଡିଫେନ୍ସ ସେକ୍ରେଟେରୀ-ଭୁଜ୍ ଭିଜିଟ୍

ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଗୁଜରାଟର ଭୁଜ୍ ଗସ୍ତ କରି ସାମରିକ ପ୍ରତିରକ୍ଷା ବିକାଶ ଓ ସାମର୍ଥ୍ୟ ନିର୍ମାଣ ବିଷୟ ସମୀକ୍ଷା କରିଛନ୍ତି ।

ଗତକାଲି ଦୁଇ ଦିନିଆ ଗୁଜରାଟ ଗସ୍ତର ଶେଷ ଦିନରେ ଶ୍ରୀ ସିଂହ ଲେଫ୍ଟନାଣ୍ଟ ଜେନେରାଲ୍ ଧିରାଜ ସେଠ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ସେନା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଦେଶର ସାମରିକ କ୍ଷେତ୍ରରେ ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ସାମର୍ଥ୍ୟ ଜଡ଼ିତ ପଦକ୍ଷେପ ଗ୍ରହଣ କରାଯାଇ ବିକାଶ କାର୍ଯ୍ୟକୁ ଅଗ୍ରାଧିକାର ଦିଆଯାଉଛି ବୋଲି ସେ କହିଛନ୍ତି । ଏହି ଗସ୍ତ କାଳରେ ପ୍ରତିରକ୍ଷା ସଚିବ ଯୁଗ୍ମ ନିୟନ୍ତ୍ରଣ କେନ୍ଦ୍ର ପରିଦର୍ଶନ କରିଥିଲେ ।

## ଶାହା-ଜେଆଣ୍ଡକେ ଭିଜିଟ୍

ଦୁଇ ଦିନିଆ ଜାମ୍ମୁ–କାଶ୍ମୀର ଗସ୍ତରେ ଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଜମ୍ମୁରେ କେନ୍ଦ୍ରଶାସିତ ପ୍ରଦେଶର ସୁରକ୍ଷା ପରିସ୍ଥିତି ଓ ସୀମା ସୁରକ୍ଷା ସମ୍ପର୍କରେ ସମୀକ୍ଷା କରିବେ। ଗତକାଲି ରାତିରେ ଜମ୍ମୁ ପହଞ୍ଚିଥିବା ଶ୍ରୀ ଶାହଙ୍କୁ ବିମାନବନ୍ଦରରେ ଉପରାଜ୍ୟପାଳ ମନୋଜ ସିହ୍ନା ସ୍ୱାଗତ କରିଥିଲେ।

ଆଜି ଶ୍ରୀ ଶାହା କଠୁଆ ଜିଲ୍ଲାର ହୀରାନଗର ସ୍ଥିତ ଆନ୍ତର୍ଜାତୀକ ସୀମା ପରିଦର୍ଶନ କରି, ସୀମାପାର ଅନୁପ୍ରବେଶ ରୋକିବା ପାଇଁ ସୀମା ସୁରକ୍ଷାବଳ – **BSF** ଦ୍ୱାରା ନିୟୋଜିତ ନୂତନ ସୁରକ୍ଷା ଉପକରଣର ନିରୀକ୍ଷଣ କରିବେ ଏବଂ ସେ ବୋବିଆ ଓ ଗୁର୍ନାମର **BSF** ଆଉଟପୋଷ୍ଟଗୁଡ଼ିକ ପରିଦର୍ଶନ କରିବେ। ଶ୍ରୀ ଶାହା ଜାମ୍ମୁର ଲୋକ

ଭବନରେ ସହିଦ ସେନା ଯବାନଙ୍କ ପରିବାର ସଦସ୍ୟଙ୍କୁ ସାକ୍ଷାତ କରି ନିଯୁକ୍ତି ପତ୍ର ହସ୍ତାନ୍ତର କରିବେ।

ଅପରାହ୍ଣରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ସୁରକ୍ଷା ଓ ଆଇନ-ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିବେ । ବୈଠକରେ ଉପରାଜ୍ୟପାଳ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ଅର୍ଦ୍ଧସୁରକ୍ଷା ବଳ, ପୋଲିସ୍ ଓ ଗୁଇନ୍ଦା ସଂସ୍ଥାଗୁଡ଼ିକର ପ୍ରତିନିଧିମାନେ ଉପସ୍ଥିତ ରହିବେ।

ଆସନ୍ତାକାଲି ଶ୍ରୀ ଶାହା ଶ୍ରୀନଗର ଯାଇ ଜମ୍ମୁ–କାଶ୍ମୀର ପାଇଁ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବେ। ଗତ ମାସର ୮ ତାରିଖରେ ନୂଆଦିଲ୍ଲୀରେ ହୋଇଥିବା ବୈଠକ ପରେ, ଏହା ହେଉଛି ଏକ ମାସ ମଧ୍ୟରେ ସୁରକ୍ଷା ପରିସ୍ଥିତି ସମ୍ପର୍କରେ ଶ୍ରୀ ଶାହାଙ୍କ ଦ୍ୱିତୀୟ ଉଚ୍ଚସ୍ତରୀୟ ସମୀକ୍ଷା।

## ୟୁଏସ୍-ରୁଷ ମିଲେଟାରୀ ଡାଇଲଗ୍

ଆମେରିକା ଓ ରୁଷ ମଧ୍ୟରେ ଉଚ୍ଚସ୍ତରୀୟ ସାମରିକ ଆଲୋଚନା ପୁଣି ଆରମ୍ଭ ହେବ । ୨୦୨୨ରେ ୟୁକ୍ରେନ୍ ସଂଘର୍ଷ ଆରମ୍ଭ ହେବା ପୂର୍ବରୁ ଏହି ସାମରିକ ଆଲୋଚନା ବନ୍ଦ ରହିଥିଲା । ଗତକାଲି ଉଭୟ ଦେଶ ମଧ୍ୟରେ ପରମାଣୁ ଅସ୍ତ୍ର ଚୁକ୍ତିନାମାର ଅବଧି ଶେଷ ହୋଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏକ ଉନ୍ନତ ଏବଂ ଆଧୁନିକ

ପରମାଣୁ ଅସ୍ତ୍ର ଚୁକ୍ତିନାମା ପାଇଁ ଆହ୍ୱାନ ଦେଇଛନ୍ତି । ସେ ଦୀର୍ଘ ସମୟ ପାଇଁ ସକ୍ରିୟ ରହିବା ଭଳି ଚୁକ୍ତି ଉପରେ ଗୁରୁତ୍ୱ ଦେଇଥିବା ଜଣାପଡ଼ିଛି ।

# ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ୱିତୀୟଥର ପାଇଁ ଟାଇଟଲ ହାସଲ କରିଛି । ଗତକାଲି ସନ୍ଧ୍ୟାରେ ଭଦୋଦରାର କୋଟାମ୍ବି ସ୍ଥିତ ବି.ସି.ଏ. ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୬ ୱିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି । ଆର୍.ସି.ବି. ୨୦୪ରନ୍ ବିଜୟ ଲକ୍ଷ୍ୟକୁ ପିଛା କରି ୧୯ ଓଭର ୪ଟି ବଲ୍‌ରେ ୪ ୱିକେଟ୍ ବିନିମୟରେ ଏହି ସଫଳତା ପାଇଛି । ଅଧିନାୟକ ସ୍ମୃତି ମନ୍ଧାନା ୪୧ଟି ବଲ୍‌ରେ ୮୭ରନ୍ ଏବଂ ଜର୍ଜିଆ ଭୋଲ୍ ୫୪ଟି ବଲ୍‌ରେ ୭୯ରନ୍ ସ୍କୋର କରିଥିଲେ ।

ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ବିନିମୟରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦୩ରନ୍ ସ୍କୋର କରିଥିଲେ । ସ୍ମୃତି ମନ୍ଧାନାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଏବଂ ଗୁଜରାଟ ଜାଏଣ୍ଟସ୍ ସୋଫି ଡିଭାଇନ୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ସିରିଜ୍ ଘୋଷଣା କରାଯାଇଛି ।

# ଅଣ୍ଡର ନାଇଣ୍ଟି କ୍ରିକେଟ୍

୧୯ ବର୍ଷରୁ କମ୍ ଏକଦିବସୀୟ ଆନ୍ତର୍ଜାତିକ ବିଶ୍ୱକପ୍‌ରେ ଆଜି ଇଂଲଣ୍ଡ ଏବଂ ଭାରତ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ । ଭାରତୀୟ ସମୟ ଅପରାହ୍ଣ ଗୋଟାଏରେ ଜିମ୍ବାୱେ ସ୍ଥିତ ହରାରେ ଠାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ସେଠାରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଭାରତ ୭ ୱିକେଟ୍‌ରେ ଆଫ୍‌ଗାନିସ୍ତାନକୁ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଥିବା ବେଳେ ଅନ୍ୟ ଏକ ସେମିଫାଇନାଲ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୨୭ରନ୍‌ରେ ପରାସ୍ତ କରି ଇଂଲଣ୍ଡ ଫାଇନାଲ୍‌କୁ ଉନ୍ନିତ ହୋଇଛି । ଏହି ସିରିଜ୍‌ରେ ଭାରତ ସମସ୍ତ ମ୍ୟାଚ୍‌ରେ ବିଜୟ ହାସଲ କରିଛି । ୧୯ ବର୍ଷରୁ କମ୍ ବିଶ୍ୱକପ୍ ଇତିହାସରେ ଭାରତ ୨୦୦୦, ୨୦୦୮, ୨୦୧୨, ୨୦୧୮ ଏବଂ ୨୦୨୨ରେ ଟାଇଟଲ ହାସଲ କରିଥିବା ବେଳେ ଅଷ୍ଟ୍ରେଲିଆ ୪ ଥର ଫାଇନାଲ୍‌ରେ ବିଜୟ ହାଇଛି ।